# Akashvani, Sambalpur

## SAMBALPURI NEWS BULLETIN

### 5 June 2025- 6.47- 6.52 am.

*********************************************

ବିଶ୍ୱ ପରିବେଶ୍ ଦିବସ୍            ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ପରିବେଶ୍ ଦିବସ୍ । ପରିବେଶ୍‌ର ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ସାରା ପୁର୍‌ଥି ନ ୧୯୭୩ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ପରିବେଶ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ବଢୁଥିବା କଲ୍‌କାର୍‌ଖାନା, ସହରୀକରଣ୍, ପ୍ଲାଷ୍ଟିକ୍‌ର ବେଭାର୍ ଆର୍ ଲୋକ୍‌ମାନ୍‌କର୍ ଦ୍ୱାରା ପ୍ରାକୃତିକ ସମ୍ପଦ କ୍ଷୟ ଲାଗି ପରିବେଶ୍ ନଷ୍ଟ, ଜଲ୍‌ବାୟୁ ପରିବର୍ତ୍ତନ୍ ହେଉଛେ । ଇଥର ବିଶ୍ୱ ପରିବେଶ୍ ଦିବସ୍‌ର ବାର୍ତ୍ତା ହେଉଛେ 'ପ୍ଲାଷ୍ଟିକ୍ ପ୍ରଦୂଷଣ୍‌କେ ଶେଷ୍ କର୍‌ମା ।'

ଆମର୍ ସବୁଦିନିଆ ଜୀବନ୍‌ଥି ପ୍ଲାଷ୍ଟିକ୍ ଗୁଟେ ଜରରୀ ଦରବ୍ ହେଇଯାଇଛେ । ଇତାର୍ ଗୁର୍ଦୁଟେ ବେଭାର୍ ଲାଗି ପରିବେଶ୍ ପ୍ଲାଷ୍ଟିକ୍‌ମୟ ହେଇଯାଇଥିବାର୍ ବେଲେ ଇଟା ଜୈବ ବିଘଟନଶୀଳ ନାଇଁ ହେଇଥିବାର୍‌ନୁ ପରିବେଶ୍ ପ୍ରଦୂଷଣ୍‌ର ଗୁଟେ ବଡ଼ ଉପାଦାନ୍ ହେଇଛେ ।

ବିଶ୍ୱ ପରିବେଶ୍ ଦିବସ୍-ପ୍ରଧାନ୍‌ମନ୍ତ୍ରୀ       ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ୭ ଶହ କିଲୋମିଟର୍ ଲମ୍ଭା ଆରାବଲୀ ବନାଂଚଲ ନ ଆରାବଲୀ ସବୁଜ ପ୍ରାଚୀର ଯୋଜ୍‌ନାଥି ଗଛ୍ ଲଗାବାର୍ ସହେତେ ଦିଲ୍ଲୀ ନ ୨ ଶହ ଟା ବିଦ୍ୟୁତ୍ ଚାଲିତ୍ ବସ୍‌ର ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଜନସାଧାରଣଙ୍କୁ ପରିବେଶ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ର ୨ ନମ୍ବର୍ ଖେପ୍ ମୁଲ୍ କର୍‌ବେ । ନୂଆଦିଲ୍ଲୀର୍ ମହାବୀର୍ ବନସ୍ଥଲୀ ପାର୍କ ଠାନେ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ରହିଛେ ।
ସେଆଡ଼େ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇ ଦିବସ୍ ଅବ୍‌ସରେ ଗଛ୍ ଲଗାବାର୍‌କେ ତହଁକାବାର୍ ଲାଗି ଆଏଜ୍‌ଠାନୁ ୧୦ କୋଟି ଗଛ୍ ଲଗାବାର୍‌କେ ଛାତ୍ରଛାତ୍ରୀମାନ୍‌କର୍ ସହେତେ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ପରିବେଶ୍ ଦିବସ୍-୧            ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି ପ୍ଲାଷ୍ଟିକ୍ ପ୍ରଦୂଷଣ୍‌କେ ଶେଷ୍

କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ପରିବେଶ୍ ସୁରକ୍ଷା ଲାଗି ପ୍ଲାଷ୍ଟିକ୍ ବେଭାର୍‌କେ ବନ୍ଦ୍ କରିକରି ଆମର୍ ପୂର୍ବ ପିଢ଼ି ମାନ୍‌କର୍ ବାଗିର୍ ପାରମ୍ପରିକ୍ ଜୀବନ୍‌ଶୈଲୀ ଆଉ ରଣନୀତି ଅପ୍‌ନାବାର୍‌କେ ମୁଖ୍ୟମନ୍ତ୍ରୀ ଲୁକ୍‌କୁ ନିବେଦନ୍ କରିଛନ୍ ।

ଇ ଅବ୍‌ସରେ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଏକକ ପ୍ଲାଷ୍ଟିକ୍ ବେଭାର୍ ଅଭ୍ୟାସ୍‌କେ ବଦ୍‌ଲେଇକରି ପରିବେଶ୍ ଅନୁକୂଲ୍ ସ୍ଥାୟୀ ଅଭ୍ୟାସ୍ ଅପ୍‌ନାବାର୍‌କେ ନିବେଦନ୍ କରିଛନ୍ ।

ମନ୍ତ୍ରୀ ପରିଷଦ୍- ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୁର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ମନ୍ତ୍ରୀ ପରିଷଦ୍‌ର ପହେଲା ବୈଠକ୍ ହେଇଛେ । ବୈଠକ୍‌ଥି ଜାତୀୟ ସୁରକ୍ଷା, ଜଳ ପରିଚାଳନା ନୀତି, ସାଧାରଣ୍ ଲୁକ୍‌କର୍ ସାଙ୍ଗେ ସହଯୋଗ୍ ସହେତେ ସର୍‌କାର୍‌ଙ୍କର୍ ରଣନୈତିକ୍ ରୋଡ୍‌ମେପ୍ ବାବ୍‌ଦେ ଆଲୋଚନା ହେଇଛେ । ଇ ଅବ୍‌ସରେ ସର୍‌କାର୍‌ଙ୍କର୍ ୧୧ ବଛର୍‌ର ସଫଳତାକେ ଲୁକ୍‌କର୍ ପାଖେ ପୁହୁଁଚାବାର୍ ଲାଗି ମନ୍ତ୍ରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଯୋଗ ସଂଗମ୍ କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୧ ତାରିଖ୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ଅବ୍‌ସରେ ହେବାର୍‌କେ ଥିବା ଯୋଗ ସଂଗମ୍ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେବାର୍‌କେ ଅନ୍‌ଲାଇନ ପଞ୍ଜିକରଣ୍ ଚାଲିଛେ । ଯୋଗ ସଂଗମ୍‌ଥି ଜୁଡ଼ି ହେବାର୍ ଲାଗି ଇଚ୍ଛୁକ ବ୍ୟକ୍ତି ଆଉ ସଂଗଠନ୍‌ମାନେ yoga.ayush.gov.in/yogasangam ଥି ପଞ୍ଜିକରଣ୍ କରିପାର୍‌ବେ ବଲି ଆୟୁସ୍ ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ । ଇତାର୍‌ସହେତେ ସାରା ଦେଶୁ ୩୦ ହଜାର୍‌ନୁ ଅଏତ୍‌କା ସଂଗଠନ୍ ମାନେ ଇଥିର୍‌ଲାଗି ପଞ୍ଜିକରଣ୍ ପ୍ରସ୍ତାବ୍ ଭିଲ୍ ଦେଇସାରିଛନ୍ ।

ମୁଖ୍ୟମନ୍ତ୍ରୀ-ଗଞ୍ଜାମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଗଞ୍ଜାମ୍ ଜିଲ୍ଲା ଗସ୍ତ କରିକରି ୨୮ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ପୁଞ୍ଜିନିବେଶ୍‌ଥି ଭିନ୍ ଭିନ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଇଥିର୍‌ଲାଗି ଜିଲ୍ଲା ନ ୧୫ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେଇପାର୍‌ବା ବଲି ଜନାପଡ଼ିଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ସଂକ୍ରାମକ୍ ରୋଗ୍‌ର ନିୟନ୍ତ୍ରଣ୍ -ସମୀକ୍ଷା I&PR

ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବର୍ଷା ସମିଆଥି ଦେଖାଦଉଥିବା ଭିନ୍ ଭିନ୍ ସଂକ୍ରାମକ୍ ରୋଗ୍‌ର ନିୟନ୍ତ୍ରଣ୍ ବାବଦ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ରାଏଜେ ମୌସୁମୀ ବର୍ଷା ମୁଲ୍ ହେଇଥିବାର୍‌ନୁ ଡେଙ୍ଗୁ, ମେଲେରିଆ, ଜଣ୍ଡିସ୍, ହଇଜା ବାଗିର୍ ସଂକ୍ରାମକ ରୋଗ୍ ବଢ଼୍‌ବାର୍ ସମ୍ଭାବନା ରହିଛେ । ଭିନ୍ ଭିନ୍ ମହାନଗର୍ ନିଗମ୍ ଆଉ ଡେଙ୍ଗୁ ପ୍ରବଣ୍ ଇଲାକା ମାନ୍‌କୁ ଠାବ୍ କରିକରି ସମିଆ ଜାନି ଇସବୁ ରୋଗ୍‌ମାନ୍‌କର୍ ମୁକାବିଲା ଦିଗେ ପଦକ୍ଷେପ୍ ନେବାର୍‌କେ ମୁଖ୍ୟ ଶାସନ୍ ସଚିବ ସ୍ୱାସ୍ଥ୍ୟ ବିଭାଗ୍‌ର ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କୁଳପତି ନିଯୁକ୍ତି-ଆବେଦନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ୧୩ ଟା ସର୍‌କାରୀ ବିଶ୍ୱବିଦ୍ୟାଳୟ ନ କୁଳପତି ନିଯୁକ୍ତି ଲାଗି ଗଲାକାଏଲ୍ ଆବେଦନ୍ ଆହ୍ୱାନ୍ କରାଯାଇଛେ । ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ଇ ପଦ୍‌ବୀ ଲାଗି ପ୍ରାର୍ଥୀମାନ୍‌କର୍ ବୟସ ସୀମା ଡିସେମ୍ବର୍ ୨୦୨୫ ତକ୍ ୬୬ ବଛର୍‌ନୁ କମ୍ ହେଇଥିବାର୍

ଦର୍କାର୍ । ଇଥିର୍ଲାଗି ଆବେଦନ୍ର ଶେଷ୍ ତାରିଖ୍ ଆଏବା ମାସ ୫ ତାରିଖ୍ ରଖାଯାଇଛେ ।

ସି.ଏମ୍. ଟ୍ରଫି ଫୁଟ୍ବଲ୍ ଟୁର୍ଣ୍ଣାମେଂଟ ଆର୍ଏନ୍ୟୁ/ ସମ୍ବଲପୁର

ସି.ଏମ୍. ଟ୍ରଫି ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ଥି ଆଏଜ୍ ୨ ଟା ସେମିଫାଇନାଲ୍ ମେଚ୍ ଖେଲାଯିବା । ଝାର୍ସୁଗୁଡ଼ାର ଓ ଏସ୍ ଏ ପି ମିନି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ବେଲ୍ବୁଡ଼ର୍ ସାଢ଼େ ୪ ବଜେ ବର୍ଗଡ଼୍ ଆଉ ଯାଜ୍ପୁର୍ ଭିତ୍ରେ ଗୁଟେ ସେମିଫାଇନାଲ୍ ମେଚ୍ ହେବାର୍କେ ଥିବାର୍ ବେଲେ ସେହି ସମିଆଥି ଭୁବ୍ନେଶ୍ୱର୍ ଠାନେ ନବରଙ୍ଗ୍ପୁର୍ ଆର୍ ଭୁବ୍ନେଶ୍ୱର୍ ଭିତ୍ରେ ଆଉ ଗୁଟେ ସେମିଫାଇନାଲ୍ ମେଚ୍ ଖେଲାଯିବା । ଚାର୍ହି ଦଲ୍ ୪ ଟା ଜୋନ୍ନୁ ଚମ୍ପିଆନ୍ ହେଇକରି ସେମିଫାଇନାଲ୍ ଖେଲ୍ବେ । ଇଥି ଜିତ୍ଲା ଦଲ୍ମାନ୍କର୍ ଭିତ୍ରେ ଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର/ଦେବ୍ଗଡ଼୍ ସମ୍ବାଦଦାତା

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍ଘଡ଼ି ସହେତେ ବର୍ଷା ହେଇପାରେ । ଜବର୍ ଧୁକାଗର୍ଡ଼ି ଆଉ ବର୍ଷାକେ

ନେଇକରି ୧୧ ଟା ଜିଲ୍ଲାକେ ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।
ସେଆଡ଼େ ଦେବଗଡ଼ ସହରେ ଗଲାକାଏଲ୍ ଜବର ଧୁକାଗର୍ଡି ଆଉ ବର୍ଷା ହେଇଛେ । ଭିନ୍ ଭିନ୍ ଜାଗାନ ବଡ଼ ବଡ଼ ଗଛ ପଡ଼ିକରି ଲାଇନ୍ ଖମାମାନେ ଉପୁଡ଼ିବାର୍ ସହେତେ ଘର୍ ଦୂଆର ଭାଙ୍ଗି ଯାଇଛେ । ଧୁକାଗର୍ଡି ଉତ୍ରୁ ଅଗ୍ନିଶମ ବାହିନୀ ସବୁଆଡ଼େ ଉଦ୍ଧାର କାମ୍ କରିଥିଲା ।